# Akashvani, Sambalpur

## SAMBALPURI NEWS EVENING BULLETIN

## 21 June 2026-7.02- 7.12 pm.

---

୧- ଯୋଗ ହେଉଛେ ମାନବୀୟ ଚେତନାର୍ ସଶକ୍ତ ଅଭିବ୍ୟକ୍ତି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- କୋଲ୍‌କାତାର୍ ରେଡ୍ ରୋଡ୍ ନୁ ଅନ୍ତର୍ଜାତୀୟ ଯୋଗ ଦିବସର ନେଲେ ନେତୃତ୍ୱ ।

୨- ଗଜପତି, ମାଲ୍‌କାନ୍‌ଗିରି ଆଉ ରାୟଗଡ଼ା ଜିଲ୍ଲା ନ ଆୟୁର୍ବେଦିକ୍ ମେଡ଼ିକାଲ୍ କଲେଜ୍ ଥାପ୍‌ନା ଲାଗି ସର୍‌କାର୍‌ଙ୍କର୍ ନିଷ୍ପତି ।

୩- ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଆଏବା ୨୪ ତାରିଖ୍‌ନୁ ସାରା ରାଏଜେ ହେବା ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ୍ ।

ଆଉର୍

୪- ଶାନ୍ତି ଶୃଙ୍ଖଳାଥି ସରଲା ନିଟ୍ ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ।

ପ୍ରଧାନ୍‌ମନ୍ତ୍ରୀ- ଯୋଗ            ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ ସହେତେ ସାରା ପୁର୍‌ଥି ନ ଆଏଜ୍ ୧୨ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ କରାଯାଇଛେ । 'ସୁସ୍ଥ ଆୟୁ ଲାଗି ଯୋଗ' ପ୍ରସଙ୍ଗ ଆଧାର୍‌ଥି ଯୋଗର ଉପକାରିତା ବାବ୍‌ଦେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଜରିଏ ଆଝିର୍ ଦିନେ ଲୁକ୍‌କୁ ସଚେତନ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି କୋଲ୍‌କାତାର୍ ରେଡ୍ ରୋଡ୍ ନ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲିତ୍ ହେଇଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଯୋଗାଭ୍ୟାସ୍ କର୍‌ବାର୍ ସହେତେ ଦେଶ୍‌ବାସୀଙ୍କୁ ଉଦ୍‌ବୋଧନ୍ ଦେଇକରି କହିଛନ୍, ଯୋଗ ଖାଲି ଶାରୀରିକ୍ ବ୍ୟାୟାମ୍ ନୁହେଁ, କି କେନ୍‌ସି ବର୍ଗଥି ସିମିତ୍ ନୁହେଁସେ । ଯୋଗ ହେଉଛେ ମାନବୀୟ ଚେତନାର୍ ସଶକ୍ତ ରୂପ । ଇଟା ମାନସିକ୍ ସୁସ୍ଥତା ଆଉ ଶାରୀରିକ୍ ସୁସ୍ଥତାକେ ସନ୍ତୁଳିତ୍ କର୍‌ବାର୍ ସହେତେ ସକାରାତ୍ମକ୍ ଜୀବନ୍ ବିତାବାର୍ ଲାଗି ସାହାଜ୍

କର୍‌ସି । ଯୋଗକେ ଖାଲି ଗୁଟେ ଧାରିଜ୍ ଦିନେ ସିମିତ୍ ନାଇଁ ରଖିକରି ଜୀବନ୍‌ର ଗୁଟେ ଅଂଶ ବନାବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସର୍‌କାର୍‌ଙ୍କର୍ ତର୍‌ଫୁ ଶହେ ଦିନିଆ ଅନ୍‌ଲାଇନ୍ ଯୋଗ ପ୍ରଶିକ୍ଷଣ୍ ଲାଗି 'ଚଲ୍‌ତି ବଛର୍ ଫି' ଦିନ ଯୋଗ' ସ୍ଲୋଗାନ୍ ଲୋକପ୍ରିୟ ହେଇପାରିଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ୨୦୧୫ ମସିହା ନ ଅନ୍ତର୍ଜାତୀୟ ଯୋଗ ଦିବସ ପାଲନ୍ ହେବାର୍ ଦିନୁ ପ୍ରଧାନ୍‌ମନ୍ତ୍ରୀ ଦିଲ୍ଲୀ ଚଣ୍ଡିଗଡ଼୍, ଲକ୍ଷ୍ନୌ, ମହିଶୁର୍, ନ୍ୟୁୟର୍କ, ଶ୍ରୀନଗର୍ ଆଉ ବିଶାଖାପାଟ୍‌ନମ୍ ନ ଯୋଗ ଦିବସ୍‌ର ନେତୃତ୍ୱ ନେଇଛନ୍ । ସଂସ୍କୃତି ମନ୍ତ୍ରଣାଳୟ ତର୍‌ଫୁ ଆଏଜ୍ ସାରା ଦେଶେ ଶହେ ଟା ପ୍ରତୀକାତ୍ମକ୍ ଜାଗା ନ ଖାସ୍ ଯୋଗ ଦିବସ୍ ସମାରୋହର୍ ଆୟୋଜନ୍ କରାଯାଇଥିଲା ।

ଯୋଗଦିବସ- ମୁଖ୍ୟମନ୍ତ୍ରୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ଯୋଗଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁସ୍ଥ ଆଉ ଚାପମୁକ୍ତ ଜୀବନ୍ ଲାଗି ବୟସ୍କ, ଯୁବ ଆଉ ଛାତ୍ର ସମ୍‌କୁ ନିୟମିତ୍ ଯୋଗ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଆୟୁଷ୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ଗଜପତି, ମାଲ୍‌କାନ୍‌ଗିରି ଆଉ ରାୟଗଡ଼ା ଜିଲ୍ଲା ନ ୩ ଟା ନୂଆଁ ଆୟୁର୍ବେଦିକ୍ ମେଡ଼ିକାଲ୍ କଲେଜ୍ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଜଟଣୀର୍ ବିଞ୍ଜଗିରି ଠାନେ ଗୁଟେ ଅତ୍ୟାଧୁନିକ୍ ଯୋଗ ଆଉ ନେଚୁରୋପେଥି ଅନୁଷ୍ଠାନ୍ ବନା ଚାଲିଛେ । ସର୍‌କାର୍ ଯୋଗକେ ବିଦ୍ୟାଳୟ ପାଠ୍ୟକ୍ରମ୍ ଆଉ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍‌ଥି ସାମିଲ୍ କର୍‌ବାର୍‌କେ ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର- ମୁଖ୍ୟମନ୍ତ୍ରୀ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟର୍ ସାଉଥ୍ କେମ୍ପସ୍ ଠାନେ ଶିକ୍ଷକ୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଯୋଗାଭ୍ୟାସ୍ କରିଛନ୍ । ଶ୍ରୀ ପ୍ରଧାନ୍ କହିଛନ୍, ଯୋଗ ଶରୀର୍, ମନ୍ ଆଉ ଆତ୍ମା ଭିତ୍‌ରେ ତାଲ୍‌ମେଲ୍ ରଖ୍‌ବାର୍‌ଥି

ଗୁଟେ ଶ୍ରେଷ୍ଠ ମାଧ୍ୟମ୍ ଆଏ । ଇଟା ନିରନ୍ତର୍ ଭାବେ ମୁନୁଷ୍‌କେ ଗୁଟେ ସୁସ୍ଥ ଜୀବନ୍ ଦିଗେ ଆଗ୍‌କେ ନେସି ।

ଯୋଗ ଦିବସ- ଜିଲ୍ଲା ସମ୍ବଲପୁର/ ଝାର୍‌ସୁଗୁଡ଼ା/ ବଲାଙ୍ଗିର୍/ କଲାହାଣ୍ଡି/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼/ ବର୍‌ଗଡ଼୍/ ନୂଆପଡ଼ା/ ବୌଦ୍ଧ

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଯୋଗାଭ୍ୟାସ୍‌ର ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲିତ୍ ହେଇଯାଇଛେ । ପୁରୀ ବ୍ଲୁଫ୍ଲାଗ୍ ବିଚ୍ ନ ହେଇଥିବା ଖାସ୍ ଯୋଗ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଯୋଗାଭ୍ୟାସ୍ କରିଥିଲେ । ଶ୍ରୀମତୀ ପରିଡ଼ା ସମ୍‌କୁ ଯୋଗକେ ନିଜର୍ ଜୀବନ୍‌ର ଅଂଶ ହିସାବେ ଗ୍ରହଣ୍ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

ସମ୍ବଲପୁର ମହାନଦୀ ରିଂରୋଡ୍ ଆଲ୍‌ତୀ ଘାଟ୍ ନ କ୍ରୀଡ଼ା ଆଉ ଯୁବସେବା ବିଭାଗ୍, ଜିଲ୍ଲା ପ୍ରଶାସନ୍ ଆଉ ଯୁବମହୋତ୍ସବ୍ ସମିତି ତରଫୁ ସାମୂହିକ୍ ଯୋଗ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ପୁଲିସ୍

ଆଇ.ଜି., ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ସାମିଲ୍ ହେଇକରି ଯୋଗାଭ୍ୟାସ୍ କରିଛନ୍ ।

ଝାରସୁଗୁଡ଼ା ଠାନେ ହେଇଥିବା ଯୋଗ ଦିବସ୍ ସମାରୋହଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ଫି ଦିନ ଯୋଗ କର୍ବାର୍ ସହେତେ ଇତାକେ ଗୁଟେ ଜନ ଆନ୍ଦୋଲନ୍ କର୍ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଇ ଅବ୍ସରେ ବର୍ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଭିଲ୍ ସାମିଲ୍ ହେଇଥିଲେ ।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍ ନ ଯୋଗ ଦିସବ୍ ସମାରୋହଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁରଠାନେ ଜିଲ୍ଲା ପ୍ରଶାସନ୍ ତର୍ଫୁ ଟାଉନ୍ ହଲ୍ ଯୋଗ ଦିବସ କାର୍ଯ୍ୟକ୍ରମଥି ବିଧାୟକ ରଘୁନାଥ ଜଗଦଲାଙ୍କର ସହେତେ ଅଲ୍ଗା ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଯୋଗ ଦିବସ୍ କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ କବୀନ୍ଦ୍ର କୁମାର ସାହୁଙ୍କ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ବରଗଡ଼୍ ଜିଲ୍ଲା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ହେଇଥିବା ଜିଲ୍ଲାସ୍ତରୀୟ ସାମୂହିକ୍ ଯୋଗାଭ୍ୟାସ୍ କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ଇନ୍‌ଡୋର୍ ଷ୍ଟାଡିୟମ୍‌ଠାନେ ଜିଲ୍ଲାସ୍ତରୀୟ ଯୋଗ ଦିବସ୍ ସମାରୋହଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ଯୋଗ୍ ଦେଇକରି ଇ ବଛର୍ ବାର୍ତା ଉପ୍‌ରେ ଜୋର୍ ଦେଇଥିଲେ ।

ବୌଦ୍ଧ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଯୋଗାଭ୍ୟାସ୍ ସମାରୋହଥି ବୌଦ୍ଧ ବିଧାୟକ୍ ସରୋଜ କୁମାର ପ୍ରଧାନ ଆଉ ଜିଲ୍ଲାପାଳ ବିଭୂତି ଭୂଷଣ୍ ନାୟକ୍ ପ୍ରମୁଖ୍ ଯୋଗ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲିତ୍ ହେଇଯାଇଛେ ।

ସେନ୍ତା ୧୨ ନମ୍ବର ଅନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ଆଏଜ୍ ପର୍ଶ୍ଚିମ ଓଡ଼ିଶାର୍ ଗାଁନୁ ସହର୍ ତକ୍ ସବୁଆଡ଼େ ଯୋଗାଭ୍ୟାସ୍ କାର୍ଯ୍ୟକ୍ରମ୍‌ମାନ୍ ହେଇଥିଲା ।

ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଆଏବା ୨୪ ତାରିଖ୍ ସାରା ରାଏଜେ ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ୍ ହେବା । ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଜରିଏ ରାଏଜେ ନାଗରିକ୍ ସମ୍ପର୍କକେ ବର୍‌କସ୍ କର୍‌ବାର୍, ସହରୀ ବିକାଶ୍‌ର ସଫଳତା ପ୍ରଦର୍ଶନ୍ ଆଉ ଜନଭାଗିଦାରୀକେ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ । ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ୍ ପୁରୀ ଟାଉନ୍‌ହଲ୍ ଠାନେ ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଉପସ୍ଥିତିଥି ହେବା । ରାଜ୍ୟର୍ ସବୁ ମହାନଗର୍ ନିଗମ୍, ପୌରପାଲିକା ଆଉ ଏନ୍‌ଏସି ମାନ୍‌କେ ଇ କାର୍ଯ୍ୟକ୍ରମ୍ କରାଯିବା । 'ବିକଶିତ୍ ଓଡ଼ିଶା ଲାଗି ଜନଭାଗିଦାରୀ: ସଶକ୍ତ ନାଗରିକ୍ - ସମାବେଶୀ ସହର୍- ସ୍ଥାୟୀ ସହରାଂଚଲ୍' ବିଷୟବସ୍ତୁ ଉପ୍‌ରେ ଆଧାରିତ୍ ଇ ଅଭିଯାନ୍‌ଥି ପିଇବାର୍ ପାଏନ୍, ପରିମଳ, ଘର୍, ପରିବହନ୍ ଆଉ ଡିଜିଟାଲ୍ ଶାସନ୍ କ୍ଷେତ୍ରର୍ ଅଗ୍ରଗତି ପ୍ରଦର୍ଶିତ୍ ହେବା ।

ସ୍କୁଲ୍ ଛୁଟି ବୃଦ୍ଧି ସମ୍ବଲପୁର/ସୁବର୍ଣ୍ଣପୁର/ନୂଆପଡ଼ା

ରାଏଜେ ହଉଥିବା ଖରା ଗରମ୍‌କେ ନଜର୍‌ଥି ରଖିକରି କେତେଟା ଜିଲ୍ଲା ନ ସ୍କୁଲ୍ ଛୁଟି ସମିଆକେ ଆଏବା କାଏଲ୍‌ତକ୍ ବଢ଼ାଯାଇଛେ । କେତେଟା ଜାଗା ନ ସଖାଲୁଆ ସ୍କୁଲ୍ ଭିଲ୍ କରାଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏବା କାଏଲ୍‌ଠାନୁ ୨୫ ତାରିଖ୍‌ତକ୍ ସଖାଲର୍ ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ଖୁଲା ରଖ୍‌ବାର୍‌କେ ବିଜ୍ଞପ୍ତି ବାହାରିଛେ । ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବାକାଏଲ୍‌ଠାନୁ ପରବର୍ତ୍ତୀ ଆଦେଶ୍‌ତକ୍ ସଖାଲ୍‌ବେଲା ସ୍କୁଲ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ନୂଆପଡ଼ା ଜିଲ୍ଲା ନ ଆଘୋନୁ ଆଏବାକାଏଲ୍‌ତକ୍ ସଖାଲ୍‌ସ୍କୁଲ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା । ଇହାଦେ ଇତାକେ ୨୫ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଯୁକ୍ତ ଦୁଇ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଯୁକ୍ତ ଦୁଇ ଶ୍ରେଣୀଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଜାରି ରହିଛେ । ଇ ମାସର୍ ୩୦ ତାରିଖ୍‌ତକ୍

ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ସୂଚ୍‌ନା ଅନ୍‌ସାରେ ରାଏଜେ ଥିବା ୨ ହଜାର୍ ୫ ଶହ ୭୫ ଟା ଉଚ୍ଚ ମାଧମିକ୍ ବିଦ୍ୟାଲୟ ନ କଲା, ବିଜ୍ଞାନ୍, ବାଣିଜ୍ୟ, ସଂସ୍କୃତ ଆଉ ଧନ୍ଦାମୂଲକ୍ ଶିକ୍ଷାଥି ଛାତ୍ରଛାତ୍ରୀମାନେ ନାଁଲେଖାବାର୍ ଲାଗି ଆବେଦନ୍ କରିପାର୍‌ବେ । ଆଏଜ୍‌ତକ୍ ୪ ଲାଖ୍ ୪ ହଜାର୍ ୫ ଶହ ୧୫ ଝନ୍ ଛାତ୍ରଛାତ୍ରୀ ଇଥିର୍‌ଲାଗି ଆବେଦନ୍ କରିଥିବା ସୂଚ୍‌ନା ମିଲିଛେ ।

ରାଏଜେ ଯୁକ୍ତ ଦୁଇ କଲା ଶ୍ରେଣୀଥି ୩ ଲାଖ୍ ୩୮ ହଜାର୍ ୨ ଶହ ୫୮ ଟା ଆସନ୍ ଥିବାର୍ ବେଲେ ବିଜ୍ଞାନ୍‌ଥି ୧ ଲାଖ୍ ୯୩ ହଜାର୍ ୭ ଶହ ୧୭, ବାଣିଜ୍ୟଥି ୪୩ ହଜାର୍ ୮ ଶହ ୩୨, ସଂସ୍କୃତଥି ୧୩ ହଜାର୍ ୭ ଶହ ୧୨ ଆଉ ଧନ୍ଦାମୂଲକ୍ ଶିକ୍ଷାଥି ୧୦ ହଜାର୍ ୬ ଶହ ୮୪ ଟା ଆସନ୍ ରହିଛେ ।

ନିଟ୍ ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପରୀକ୍ଷଣ୍ ସଂସ୍ଥା- ଏନ୍‌ଟିଏ ତର୍‌ଫୁ ପରିଚାଲିତ୍ ନିଟ୍ ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଆଏଜ୍ ହେଇଯାଇଛେ । ପରୀକ୍ଷା ଦୁଇପହରର୍ ୨ ବଜୁ ମୁଲ୍ ହେଇକରି ଉପର୍‌ବେଲା ୫ ବାଜିକରି ୧୫ ମିନିଟ୍‌ଥି ସରିଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପରୀକ୍ଷା ଲାଗି ଛାତ୍ରଛାତ୍ରୀମାନ୍‌କୁ ଶୁଭେଚ୍ଛା ଜନେଇକରି ମାନସିକ ଭାବେ ଚାପମୁକ୍ତ ହେଇକରି ପରୀକ୍ଷା ଦେବାର୍ ଲାଗି ପରାମର୍ଶ ଦେଇଥିଲେ । ପରୀକ୍ଷାର୍ଥୀମାନ୍‌କର୍ ପରୀକ୍ଷା କେନ୍ଦ୍ର ଭିତର୍‌କେ ଯିବାର୍‌ନୁ ପରୀକ୍ଷା ଶେଷ୍ ହେବାର୍‌ତକ୍ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଦେଶର୍ ୫ ଶହ ୫୧ ଟା ସହର୍ ନ ୫ ହଜାର୍ ୫ ଶହ ୪୦ ଟା କେନ୍ଦ୍ର ଆଉ ବିଦେଶ୍‌ର ୧୪ ଟା ସହର୍ ନ ୨୨ ଲାଖ୍‌ନୁ ଅଏତ୍‌କା ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ଓଡ଼ିଶାର୍ ୨୭ ଟା ସହରେ ଶହେ ୩୨ ଟା ପରୀକ୍ଷା କେନ୍ଦ୍ର ନ ପାଖାପାଖି ୫୭ ହଜାର୍ ଛାତ୍ରଛାତ୍ରୀ ନିଟ୍ ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଦେଇଛନ୍ । ପରୀକ୍ଷା ଲାଗି ୨ ଲାଖ୍ ନୁ ଅଏତ୍‌କା କର୍ମଚାରୀଙ୍କୁ ନିୟୋଜିତ୍ କରାଯାଇଥିବାର୍ ବେଲେ ଆଧାର୍ ଆଧାରିତ୍ ପ୍ରମାଣିକକରଣ୍ ବ୍ୟବସ୍ଥା ଭିଲ୍ କରାଯାଇଥିଲା । ପରୀକ୍ଷା ପରିଚାଲନାଥି ତାଲ୍‌ମେଲ୍ ରଖ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି

ପରୀକ୍ଷା କେନ୍ଦ୍ରକେ ନିଆଅନା କର୍‌ବାର୍ ଲାଗି ମାହାଲିଆ ବସ୍ ଚଲାଚଲ୍ କରିଥିଲେ ।

ପିତୃ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ପିତୃ ଦିବସ୍ । ଆମର୍ ଭାରତୀୟ ସଂସ୍କୃତିଥି ପରିବାର୍ ନ ପିତାଙ୍କୁ ସବୁଠାନୁ ଉଚ୍ଚ ଆସନ୍ ଦିଆଯାଇଛେ । ବାପା ମାନ୍‌କୁ ସମ୍ମାନ୍ ଜନେଇକରି ଫି ବଛର୍ ଜୁନ୍ ମାସର୍ ୩ ନମ୍ବର୍ ରଏବାର୍‌କେ ପିତୃଦିବସ୍ ଭାବେ ପାଲନ୍ କରାଯାଏସି । ମା ପୃଥିବୀ ହେଲେ ପିତା ହେଉଛନ୍ ଆକାଶ୍ । ଝନେ ଛୁଆ ହିଁ ତାର୍ ବାପାକେ ଆଦର୍ଶ ଭାବେ ଦେଖିଥିସି ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । କାଲ୍‌ବୈଶାଖୀ ପ୍ରଭାବ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଉତର୍ ଓଡ଼ିଶା ଆଉ ଦକ୍ଷିଣ୍ ଉପକୂଳ ଓଡ଼ିଶାର୍ କେତେଟା ଜାଗା ନ ହାଲ୍‌କା

ନୁ ମଧ୍ୟମ୍ ଧରଣ୍ର ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଇତାର୍ସହେତେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍କର୍ ସହେତେ ରାଜ୍ୟର୍ ୨୨ ଟା ଜିଲ୍ଲା ନ ଧୁକାଗର୍ଡ଼ି, ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।